Asian School of Business Management

**NEW PAPER:** Dharitri

**DATE:** 17.11.2018

**PAGE:** 12

ଧରିତ୍ରୀ
DHARITRI

# 'ଚ୍ୟାଲେଞ୍ଜକୁ ଗ୍ରହଣ କରି କିଛି ଭିନ୍ନ କର'




## ଏଏସ୍‌ବିଏମ୍‌ରେ ନ୍ୟାଶନାଲ ଟ୍ୟାଲେଣ୍ଟ ଫେଷ୍ଟିଭାଲ

ଭୁବନେଶ୍ୱର, ୧୬।୧୧

ବର୍ତ୍ତମାନର ସମୟ ଟେକ୍ନୋଲୋଜି ଆଧାରିତ ହୋଇଥିବା ବେଳେ ଯୁବପିଢି ନିଜକୁ ସେହି ଅନୁସାରେ ଗଢି ତୋଳିବା ଆବଶ୍ୟକ। ଚ୍ୟାଲେଞ୍ଜକୁ ଗ୍ରହଣ କରି କିଛି ଭିନ୍ନ କରିପାରିଲେ ଯାଇ ଛାତ୍ରୀଛାତ୍ର ନିଜ ଲାଗି ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିବେ ବୋଲି କମ୍ପ୍ୟୁଟର ଲ୍ୟାବର ଏମ୍‌ଡି ତଥା ସିଇଓ ସନ୍ତୋଷ କୁମାର ସାହୁ କହିଛନ୍ତି। ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍ ) ପକ୍ଷରୁ ଚନ୍ଦକାସ୍ଥିତ ଏହାର ଶିକ୍ଷା ବିହାର କ୍ୟାମ୍ପସଠାରେ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଫେଷ୍ଟିଭାଲ 'ଇଗ୍‌ନାଇଟ' କାର୍ଯ୍ୟକ୍ରମରେ ଯୋଗଦେଇ ସାହୁ କହିଛନ୍ତି ଯେ, ଛାତ୍ରୀଛାତ୍ର ଉଦ୍ୟୋଗୀ ହେବା ଲାଗି ମନୋବୃତ୍ତି ରଖିବା ସହ ନିଯୁକ୍ତି ସୃଷ୍ଟି ଦିଗରେ ବ୍ରତୀ ହେବା ଆବଶ୍ୟକ।

ସେହିଭଳି କିଛି ନୂଆ ଶିଖିବା ଦିଗରେ ଛାତ୍ରୀଛାତ୍ରଙ୍କର ସର୍ବଦା ଆଗ୍ରହ ରହିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମ ଅବସରରେ ଓଡିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ବ୍ରିଗେଡିୟର ଲକ୍ଷ୍ମୀ ଚରଣ ପଟ୍ଟନାୟକ କହିଛନ୍ତି। ନିଜ ମଧ୍ୟରେ ରହିଥିବା ସାମର୍ଥ୍ୟର ପୂର୍ଣ୍ଣ ବ୍ୟବହାର, ସମୟର ଠିକ୍ ଉପଯୋଗ ଦ୍ୱାରା ଛାତ୍ରୀଛାତ୍ର ଉନ୍ନତି ଦିଗରେ ବଢି ପାରିବେ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଛାତ୍ରୀଛାତ୍ର ନିଜର ବିଷୟଗତ ଜ୍ଞାନକୁ ବ୍ୟାବହାରିକ ଜ୍ଞାନର ବୃଦ୍ଧି କ୍ଷେତ୍ରରେ ଲଗାଇବା ସହ ପରିବର୍ତ୍ତନରେ ସାମିଲ ହୋଇପାରିବେ ବୋଲି ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକ ଏଥିରେ ଗୁରୁତ୍ୱାରୋପ କରିଥିଲେ। ୨ ଦିନ ଧରି ହେବାକୁ ଥିବା 'ଇଗ୍‌ନାଇଟ' ଜାତୀୟ ସ୍ତରର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଉଥିବା ସେ କହିଛନ୍ତି। ଏଥିରେ ଷ୍ଟାର୍ଟଅପ କାର୍ନିଭାଲ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମ ଅବସରରେ ଫାକଲ୍ଟି ମେଣ୍ଟର ହେମନ୍ତ କୁମାର ପଣ୍ଡା, ଇଗ୍‌ନାଇଟର କୋଅର୍ଡିନେଟର ବିସ୍ମୟ କୁନାଲ ପଟ୍ଟନାୟକଙ୍କ ସମେତ ପ୍ରତିଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ପ୍ରତିଷ୍ଠାନ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।